## ସଂକ୍ଷେପରେ

### ପୁଣି ଲେଉଟିଲା ଭାଲୁ

ଚିତ୍ରକୋଣ୍ଡା, ୧୨।୯(ଡି.ଏନ.ଏ.)- ଚିତ୍ରକୋଣ୍ଡା-ବାଲିମେଳା ଡ୍ୟାମର ମନ୍ତ୍ରୀପୁଟ ବୁଲାଣି ଘାଟି ରାସ୍ତାରେ ଗୁରୁବାର ସନ୍ଧ୍ୟାରେ ଭାଲୁ ବୁଲୁଥିବା ଦେଖିବାକୁ ମିଳିଛି। ଏନେଇ ଲୋକେ ଭୟଭିତ ହୋଇପଡିଛନ୍ତି। ବାଲିମେଳା ଚିତ୍ରକୋଣ୍ଡା ଛକରେ ଏକ ଭାଲୁ ଗତ ୧୫/୨୦ ଦିନ ଧରି ବୁଲୁଥିଲା। ବନ ବିଭାଗ ଅନେକ ଚେଷ୍ଟା କରି ବୁଧବାର ଭାଲୁଟିକୁ ଯନ୍ତାରେ ଧରି ଚିତ୍ରକୋଣ୍ଡା ଘାଟି ଭଲଭ ହାଉସ ନିକଟରେ ଛାଡି ଦେଇଥିଲେ। ଏବେ ସେହି ଭାଲୁଟି ମନ୍ତ୍ରୀପୁଟ ବୁଲାଣି ଘାଟି ରାସ୍ତାରେ ବୁଲୁଥିବା କୁହାଯାଉଛି। ଏ ସମ୍ପର୍କରେ ଚିତ୍ରକୋଣ୍ଡା ବନ ବିଭାଗ କର୍ମଚାରୀଙ୍କୁ ପଚାରିବାରୁ ସେମାନେ ଏବିଷୟରେ ଅବଗତ ନାହାନ୍ତି। ତଥାପି ଆମେ ସମ୍ପୃକ୍ତ ଅଞ୍ଚଳକୁ ଯାଇ ଦେଖିବୁ ବୋଲି କହିଥିଲେ।

### ୪ଦିନିଆ ପାଠଚକ୍ର ଶେଷ



କୋରୁକୋଣ୍ଡା, ୧୨।୯(ଡ଼ି.ଏନ.ଏ) ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବୁଧବାର ଏକ ପାଠଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପାଠଚକ୍ର ୪ ଦିନ ଧରି ବିଭିନ୍ନ ସ୍ଥାନରେ ହୋଇଥିଲା। ପ୍ରଥମ ଦିବସରେ ବାଲିମେଳା ବାଳିକା ଉଚ୍ଚ ବିଦ୍ୟାଳୟ, ଦ୍ୱିତୀୟ ଦିବସରେ ନୀଳାଦ୍ରିନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ତୃତୀୟ ଦିବସରେ କୁଡୁମୁଲୁଗୁମ୍ମାସ୍ଥିତ ଚାର୍ଲସ ଡାରଉଇନ କଲେଜ ଓ ୪ର୍ଥ ଦିବସ ବୁଧବାର ବାଲିମେଳା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପାଠଚକ୍ର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କଟକରୁ ପ୍ରଭାତ କୁମାର ନାୟକ ଅତିଥି ରୂପେ ଯୋଗଦେଇଥିଲେ। ୪ର୍ଥ ଦିବସରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ହୋଇଥିବା ପାଠଚକ୍ର କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକମାନେ ସାମିଲ ହୋଇଥିଲେ। ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁ, ପରିଚାଳନା କମିଟି ସଭାପତି ପୁରୁଷୋତ୍ତମ ବେହେରା, ସମ୍ପାଦକ ବସନ୍ତ କୁମାର ରଣାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ୬୫ ଯୁବତୀଯୁବକଙ୍କୁ ନେଇ ଦକ୍ଷତାଭିତ୍ତିକ ତାଲିମ



ଗୋବିନ୍ଦପାଲି, ୧୨।୯ (ଡି.ଏନ୍.ଏ.)- ସିଓ୍ୱାଇଏସ୍‌ଡିଓ ଏବଂ ଓର୍‌ମାସର ମିଳିତ ଉଦ୍ୟମରେ ଯୁବଗୋଷ୍ଠୀଙ୍କ ଲାଗି ଦକ୍ଷତାଭିତ୍ତିକ ତାଲିମ ଶିବିର ମାଥିଲି ବ୍ଲକର ନାୟକଗୁଡା ଓ ଖଇରପୁଟ ବ୍ଲକର ଖଇରପୁଟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରକ୍ରିୟାରେ ୬୫ ଜଣ ଯୁବତୀ ଯୁବକ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୭ ଯୁବତୀଯୁବକ ହସ୍ପିଟାଲିଟି ଆସିଷ୍ଟାଣ୍ଟ, ସିଲେଇ ଶିକ୍ଷା, ଓ୍ୱେଲ୍‌ଡର ଓ ପ୍ଲମ୍ବର ଟ୍ରେଡ୍ ପାଇଁ ମନୋନୀତ ହୋଇ ଭୁବନେଶ୍ୱରକୁ ଯାଇଛନ୍ତି। ଏହି କାର୍ଯ୍ୟକ୍ରମକୁ ସଂଘମିତ୍ରା ସିଂ ପରିଚାଳନା କରିଥିଲେ।

### ଅନ୍ୟଗାଡିକୁ ସାଇଡ୍ ଦେବାକୁ ଯାଇ ଟ୍ରକ ଦବିଲା

କୋରୁକୋଣ୍ଡା, ୧୨।୯(ଡି.ଏନ.ଏ.)- ମାଲକାନଗିରି ଜିଲା ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଡ୍ରଗ ଲାଇନସ୍ଥିତ ହରଗୌରୀ ପୂଜା ମଣ୍ଡପ ସମ୍ମୁଖରେ ଗୁରୁବାର ଏକ ସିମେଣ୍ଟ ବୋଝେଇ ଟ୍ରକ ରାସ୍ତା କଡରେ ଦବିଯାଇଛି। ଟ୍ରକଟି ଅନ୍ୟ ଏକ ଗାଡକୁ ରାସ୍ତା ଦେବାକୁ ଯାଇ ଏଭଳି ହୋଇଥିବା ଜଣାପଡିଛି। ନିମ୍ନମାନର କାମ ହୋଇଥିବାରୁ ରାସ୍ତା ଦବିଯାଇଥିବା ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ ଏନେଇ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଆଧାର କାର୍ଡ ପାଇଁ ଆସି ହଇରାଣ ହେଉଛନ୍ତି ଲୋକେ

ମାଲକାନଗିରି, ୧୨।୯ (ଡି.ଏନ୍.ଏ.)

ସରକାର ଆଧାର କାର୍ଡକୁ ପରିଚୟ ପତ୍ର ରୂପେ ବାଧ୍ୟତାମୂଳକ କରିଛନ୍ତି। ବିଭିନ୍ନ ଯୋଜନାରୁ ସୁଫଳ ପାଇବାକୁ ହେଲେ ଲୋକଙ୍କୁ ଆଧାରକାର୍ଡରେ କିଛି ତ୍ରୁଟି ଥିଲେ ଏହାର ସଂଶୋଧନ ଏବଂ ନୂତନ କାର୍ଡ କରିବା ପାଇଁ ବ୍ୟାଙ୍କଗୁଡିକରେ ବ୍ୟବସ୍ଥା କରିଛନ୍ତି। ଏହା ନ କଲେ ଲୋକମାନେ ସବୁ ସୁବିଧାରୁ ବଞ୍ଚିତ ହେବେ ବୋଲି କୁହାଯାଉଛି। ମାତ୍ର ଦୁର୍ଗମ ଅଞ୍ଚଳର ଲୋକେ ଯେପରି ସହଜରେ ଏହି କାର୍ଯ୍ୟ କରି ପାରିବେ ସେଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ମାଲକାନଗିରି ଜିଲାର ଅନେକ ଅଞ୍ଚଳ ଜଙ୍ଗଲ ପାହାଡ ମଧ୍ୟରେ ରହିଛି। ଏହି ସବୁ ଗ୍ରାମଗୁଡିକର ଗ୍ରାମବାସୀ ଆଧାର ସଂଶୋଧନ, ନୂତନ କାର୍ଡ କରିବା ଏବଂ ବ୍ୟାଙ୍କ ସହ ଲିଙ୍କ୍ କରିବାକୁ ଆସି ହଟହଟା ହେଉଛନ୍ତି। ଆଧାର କାର୍ଡ ସଂଶୋଧନ, ନୂଆ ଆଧାର କାର୍ଡ କେଉଁଠି, କିପରି ହେଉଛି ସେନେଇ କୌଣସି ସ୍ଥାନରେ ବୈଠକ କିମ୍ବା ପ୍ରଶାସନ ଦ୍ୱାରା ସ୍ୱତନ୍ତ୍ର କ୍ୟାମ୍ପ କରି ଲୋକଙ୍କୁ ଅବଗତ କରାଯାଇନାହିଁ। ଫଳରେ ଲୋକେ ଅଯଥା ଖର୍ଚ୍ଚାନ୍ତ ହେବା ସହ ସମସ୍ୟାରେ ପଡୁଛନ୍ତି। ଗୁରୁବାର ଚିତ୍ରକୋଣ୍ଡା ବ୍ଲକ ବାଇଲୁଗୁଡା ଗ୍ରାମର ପର୍ଶୁ ହନ୍ତାଳଙ୍କ ସ୍ତ୍ରୀ ସଇତା ହନ୍ତାଳ ନିଜର ଏକବର୍ଷର ଶିଶୁକୁ ଧରି ୮୦ କିଲୋମିଟର ଦୂର ମାଲକାନଗିରି ସଦର ମହକୁମାକୁ ଆସି ଆଧାର କାର୍ଡ କେଉଁଠି ହେଉଛି ବୋଲି ପଚାରି ୪ ଘଣ୍ଟା ପରେ ମାଲକାନଗିରି ଆନ୍ଧ୍ର ବ୍ୟାଙ୍କକୁ ଆସିଥିଲେ। ବ୍ୟାଙ୍କର ଡାଟା ଅପରେଟର ଏବିଷୟରେ କହିବାରୁ ସେ କହିଥିଲେ ଯେ, ୨୦୧୬ରେ ସେ ଆଧାର କାର୍ଡ ପାଇଁ ଆବେଦନ କରିଥିଲେ। ସେଥିରେ ମୋବାଇଲ ନମ୍ବର କିମ୍ବା ଇ-ମେଲ ଠିକଣା ନ ଥିବାରୁ ତାଙ୍କୁ ଆଧାର କାର୍ଡ



ଆଧାରକାର୍ଡ କରିବାକୁ ଆସିଥିବା ସଇତା ।

ମିଳିପାରିନାହିଁ। ତାଙ୍କ ପାଖରେ କୌଣସି ମୋବାଇଲ ନମ୍ବର ନାହିଁ କିମ୍ବା ସେ ଗ୍ରାମର କୌଣସି ବ୍ୟକ୍ତିଙ୍କ ମୋବାଇଲ ନମ୍ବର ଜାଣିନାହାନ୍ତି ବୋଲି କହିଥିଲେ। ତେବେ ତୁମେ ଏକ ଫର୍ମ କିଣି ତୁମ ଗ୍ରାମର ଯେକୌଣସି ବ୍ୟକ୍ତିଙ୍କ ମୋବାଇଲ ନମ୍ବର ସଂଗ୍ରହ କରି ୧୯୪୭କୁ ଫୋନ୍ କର। ସେଯେଉଁ ତଥ୍ୟ ଦେବେ ତାହାକୁ ଫର୍ମରେ ପୂରଣ କରି ଏଠାରେ ବ୍ୟାଙ୍କରେ ଦେଲେ ତୁମର ଆଧାର କାର୍ଡ ମିଳିବ ବୋଲି ସଇତାଙ୍କୁ ଡାଟା ଅପରେଟର କହିଥିଲେ। ସୂଚନାଯୋଗ୍ୟ ଯେ, ପ୍ରତ୍ୟହ ବହୁ ଲୋକ ମୋଟୁ, କାଳିମେଳା, ପଡିଆ, ଗୁମ୍ମା, ଚିତ୍ରକୋଣ୍ଡା, ଖଇରପୁଟ, ସ୍ୱାଭିମାନ ଅଞ୍ଚଳରୁ ଆସି ଆଧାର କାର୍ଡ ସଂଶୋଧନ ଏବଂ ନୂତନ କାର୍ଡ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପ୍ରଶାସନ ପକ୍ଷରୁ ଲୋକଙ୍କ ପାଇଁ ମାଲକାନଗିରି ଆନ୍ଧ୍ର ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କରେ ଆଧାର କାର୍ଡ ସଂଶୋଧନ ଏବଂ ନୂତନ କାର୍ଡ କାର୍ଯ୍ୟ ଚାଲିଛି। ସେହି କେନ୍ଦ୍ରଗୁଡିକରେ ଲୋକେ ଆଧାର କାର୍ଡ ପାଇଁ ଆବେଦନ ଏବଂ ସଂଶୋଧନ କରିପାରିବେ । କିଛି ସମସ୍ୟା ହେଲେ ପ୍ରଶାସନ ଦୃଷ୍ଟିକୁ ଆଣିଲେ ସମାଧାନ କରାଯିବ।

# ରାଧିକାଙ୍କୁ ସହାୟତାର ହାତ ବଢ଼ାଇଲା ଜିଲା ପ୍ରଶାସନ



ରାଧିକାଙ୍କ ନିକଟରେ ପହଞ୍ଚିଛନ୍ତି ପ୍ରଶାସନିକ ଅଧିକାରୀ ।

**ଧରିତ୍ରୀ ପ୍ରଭାବ**

ଚିତ୍ରକୋଣ୍ଡା, ୧୨।୯(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଗୁଣ୍ଠାୱାଡା ପଞ୍ଚାୟତ ଆରଏସ-୧୫ ଗ୍ରାମର କମା ଗଲରିଙ୍କ ଝିଅ ରାଧିକା ଗଲରି (୨୧)ଙ୍କ ସମସ୍ୟା ସମ୍ପର୍କରେ ୧୧ ତାରିଖ ଧରିତ୍ରୀରେ ରାଧିକାଙ୍କୁ ସହାୟତା ପାଇଁ ପ୍ରଶାସନ ବିମୁଖ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ କେହି ମୁଖ୍ୟମନ୍ତ୍ରୀଙ୍କୁ ଟ୍ୱିଟ୍ କରି ରାଧିକାଙ୍କୁ ସହାୟତା କରିବା ଲାଗି ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେଇ ରାଧିକାଙ୍କୁ ସହାୟତା ସହ ଥଇଥାନ କରିବାକୁ ମାଲକାନଗିରି ଜିଲାପାଳଙ୍କୁ ଟ୍ୱିଟ କରିଥିଲେ। ଏହା ପରେ ପ୍ରଶାସନିକ କ୍ଷେତ୍ରରେ ତତ୍ପରତା ପ୍ରକାଶ ପାଇଛି। ଜିଲାପାଳ ମନୀଷ ଅଗ୍ରୱାଲ ରାଧିକାଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେଇ ତାଙ୍କୁ ଥଇଥାନ କରିବାକୁ ଚିତ୍ରକୋଣ୍ଡା ବିଡ଼ିଓ ଲକ୍ଷ୍ମଣ ଖରସେଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ବିଡ଼ିଓ ଖରସେଲଙ୍କ ସହ ସିପି ସୁଧା ମଣ୍ଡଳ, ଆଇସିଡିଏସ୍ ସୁପରଭାଇଜର ଚାରୁଲତା ଦାଶ ରାଧିକାଙ୍କ ନିକଟରେ ପହଞ୍ଚି ତାଙ୍କ ସମସ୍ୟା ବୁଝିଛନ୍ତି। ଅଧିକାରୀମାନେ ଗ୍ରାମବାସୀଙ୍କୁ ମଧ୍ୟ ତାଙ୍କ ସମ୍ପର୍କରେ ପଚାରି ବୁଝିଥିଲେ। ଅନାଥ ରାଧିକାଙ୍କୁ ଚାଉଳ ମିଳିବା ପାଇଁ ବ୍ୟବସ୍ଥା କରାଯାଇଛି। ଏକ ସପ୍ତାହ ମଧ୍ୟରେ ଓଡିଶା ଜୀବିକା ମିଶନରେ ନିଯୁକ୍ତି ଦେବା, ବିଜୁ ପକ୍କାଘର ଯୋଜନାରେ ସାମିଲ କରାଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସେଲ୍‌ରୁ ତାଙ୍କୁ ୫୦ ହଜାର ଟଙ୍କା ସହାୟତା, ବ୍ଲକ ଏସ୍‌ସିଏସ୍‌ଟି ସେଲ୍‌ରୁ ୨୦ହଜାର ଟଙ୍କା ଦେବା ସହ ତାଙ୍କୁ ଅନ୍ୟାନ୍ୟ ସୁବିଧାସୁଯୋଗ ତୁରନ୍ତ ଯୋଗାଇ ଦେବାକୁ ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ଉପରୋକ୍ତ ଗ୍ରାମର ବିକ୍ରମ ଗଲରି ଓ ମଣିମା ଗଲରି ଝିଅ ରାଧିକା ଜନ୍ମରୁ ମାଆଙ୍କୁ ହରାଇଥିଲେ। ସେ ତୃତୀୟ ଶ୍ରେଣୀରେ ପଢୁଥିବା ବେଳେ ବାପା ଚାଲିଗଲେ। ଦାଦା ବନ୍ଧୁ ଗଲରି ଓ ବଡବାପାଙ୍କ ଘରେ ଆଶ୍ରୟ ନେଇ ରାଧିକା ଗ୍ରାମବାସୀଙ୍କ ସହଯୋଗରେ ଦଶମଯାଏ ପାଠ ପଢିଥିଲେ। ମାତ୍ର ସବୁଦିନେ ତାଙ୍କୁ ରଖିବା ବଡବାପା ଓ ଦାଦାଙ୍କ ପକ୍ଷରେ ସମ୍ଭବ ହୋଇ ନ ଥିଲା। ନିଜ ସମସ୍ୟା ସମ୍ପର୍କରେ ରାଧିକା ଚିତ୍ରକୋଣ୍ଡା ପାରାଲିଗାଲ ଭଲ୍ୟୁଣ୍ଟିଅରଙ୍କ ମାଧ୍ୟମରେ ଜିଲା ଆଇନ ସେବା ପ୍ରାଧିକରଣ ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ୨୦୧୮ରେ ଜଣାଇଥିଲେ ମଧ୍ୟ ପ୍ରଶାସନ ଏନେଇ କୌଣସି ପଦକ୍ଷେପ ନେଇ ନ ଥିଲା।

# ବସଷ୍ଟାଣ୍ଡରେ ରାତି କଟାଇଲେ ବଣ୍ଡା ଆଦିବାସୀ

ଗୋବିନ୍ଦପାଲି, ୧୨।୯(ଡି.ଏନ.ଏ.)

ମାଲକାନଗିରି ଜିଲା ମୁଦୁଲିପଡାର ବଣ୍ଡାଘାଟିର କିଚାପଡା ଓ ସିଣ୍ଡାଜଙ୍ଗର ଗ୍ରାମରେ ବସବାସ କରୁଥିବା ଆଦିବାସୀମାନଙ୍କ ଆଧାରକାର୍ଡ ସଂଶୋଧନ ସମସ୍ୟା ରହିଛି। ସେମାନେ ଏହାକୁ କରିବା ଲାଗି ବୁଧବାର ୨୦ ଆଦିବାସୀ ମହିଳା ପୁରୁଷ ମଙ୍ଗଳବାର ଖଇରପୁଟ ଦେଇ ୩୦ କିମି ଦୂର ଗୋବିନ୍ଦପାଲି ଉତ୍କଳ ଗ୍ରାମୀଣ ବ୍ୟାଙ୍କକୁ ଆସିଥିଲେ। ବ୍ୟାଙ୍କରେ ଲିଙ୍କ ନ ଥିବାରୁ ଦୀର୍ଘ ସମୟ ଅପେକ୍ଷା କରି ମଧ୍ୟ ଏହି କାର୍ଯ୍ୟ ହୋଇପାରିଲାନାହିଁ। ସନ୍ଧ୍ୟା ହୋଇଯିବାରୁ ସେମାନେ ନିଜ ଗ୍ରାମକୁ ଫେରିପାରି ନ ଥିଲେ। ଅନ୍ୟ ଉପାୟ ନ ପାଇ ଗୋବିନ୍ଦପାଲି



ଗୋବିନ୍ଦପାଲ୍ଲୀ ବସଷ୍ଟାଣ୍ଡରେ ରାତି କଟାଇଥିବା ବଣ୍ଡା ଆଦିବାସୀ ।

ବସ୍‌ଷ୍ଟାଣ୍ଡରେ ଅସ୍ୱାସ୍ଥ୍ୟକର ପରିବେଶରେ ପିଲାଛୁଆଙ୍କୁ ଧରି ରାତି କଟାଇଥିଲେ। ପାଖରେ ଅର୍ଥ ନ ଥିବାରୁ କେତେକ ଉପବାସରେ ରାତି କଟାଇଥିଲେ। ସରକାର ବଣ୍ଡାଜାତିଙ୍କ ଉନ୍ନତି ପାଇଁ ବହୁ ଅର୍ଥ ବ୍ୟୟ କରୁଛନ୍ତି। ମୁଦୁଲିପଡାରେ ବଣ୍ଡା ଉନ୍ନୟନ ସଂସ୍ଥା କାର୍ଯ୍ୟ କରୁଛି। ଏହା ସତ୍ତ୍ୱେ ସେମାନେ ବିକାଶଠାରୁ ଅନେକ ଦୂରରେ ରହିଛନ୍ତି। ଏହି କାର୍ଯ୍ୟ ଏଜେନ୍ସି ମାଧ୍ୟମରେ ଖଇରପୁଟରେ କରାଯାଇପାରିଥାନ୍ତା। ଫଳରେ ଏଜେନ୍ସିର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନ ଉଠୁଛି। ଏନେଇ ଖବର ପାଇବା ପରେ ବୁଧବାର ବ୍ଲକ ପ୍ରଶାସନ ସେମାନଙ୍କୁ ବସ୍‌ଷ୍ଟାଣ୍ଡରୁ ଖଇରପୁଟ ନେଇ ସେମାନଙ୍କ କାର୍ଯ୍ୟ ସମ୍ପନ୍ନ କରିଛି। ଏ ସମ୍ପର୍କରେ ବଣ୍ଡା ଉନ୍ନୟନ ସଂସ୍ଥାର ପ୍ରେଜେକ୍ଟ ଲିଡର ଦେବେନ୍ଦ୍ର ମାହାରିଙ୍କୁ ପଚାରିବାରୁ ସେ କହିଲେ ଯେ, ଆଧାରକାର୍ଡ ସମ୍ପର୍କିତ କାର୍ଯ୍ୟ ପାଇଁ ବଣ୍ଡା ଆଦିବାସୀମାନେ ଗୋବିନ୍ଦପାଲି ଆସି ରାତିରେ ବସଷ୍ଟାଣ୍ଡରେ କଟାଇବା ବିଷୟରେ ସେ ଆବଗତ ନାହାନ୍ତି। ସେମାନଙ୍କ ଉନ୍ନତି ଓ ସଚେତନତା ପାଇଁ ବିଭିନ୍ନ କାର୍ଯ୍ୟ କରାଯାଉଛି ବୋଲି ମାହାରୀ କହିଥିଲେ।

# ଶିଶୁ ସୁରକ୍ଷା ସଚେତନତା କର୍ମଶାଳା

କାଲିମେଳା, ୧୨।୯(ଡି.ଏନ.ଏ)-

କାଲିମେଳା ବ୍ଲକ କଇମେଟଲା ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ସଚେତନତା କମଶାଳା ଗୁରୁବାର ଅନୁଷ୍ଠିତ ହୋଇଛି। ଜିଲା ଶିଶୁ ସୁରକ୍ଷା ସମିତି ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ମାଲା ମାଢି ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ କଇମେଟଲା ସରପଞ୍ଚ ଗାଙ୍ଗି ମାଡକାମି, ଭେଙ୍କଟାପଲମ ସରପଞ୍ଚ ଦେବା ମାଡକାମି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବାଲ୍ୟ ବିବାହ ପ୍ରଥା ବନ୍ଦ କରିବା, ଶିଶୁଙ୍କୁ ଯୌନ ନିର୍ଯାତନାକୁ ରୋକିବା, ଶିଶୁ ଶ୍ରମିକ ଉଚ୍ଛେଦ, ଶିଶୁ ଏବଂ ମାତୃ ମୃତ୍ୟୁହାରକୁ ରୋକିବା ନେଇ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ।

# ଜିଲାସ୍ତରୀୟ ଯୁବ ରେଡକ୍ରସ କାର୍ଯ୍ୟନିର୍ବାହୀ ବୈଠକ

ମାଲକାନଗିରି, ୧୨।୯ (ସ୍ୱ.ପ୍ର.)

ମାଲକାନଗିରି ମହାବିଦ୍ୟାଳୟ ସଭାକକ୍ଷରେ ଜିଲାସ୍ତରୀୟ ଯୁବ ରେଡକ୍ରସର କାର୍ଯ୍ୟନିର୍ବାହୀ କମିଟି ବୈଠକ ଅଧ୍ୟକ୍ଷ ଅଶୋକ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ମାନସ କୁମାର ମାଡକାମୀ, ମୁଖ୍ୟବକ୍ତା ଭାବେ ଯୁବ ରେଡକ୍ରସ ସମ୍ପାଦକ ପ୍ରମୋଦ କୁମାର ବେହେରା, ସମ୍ମାନିତ ଅତିଥି ରୂପେ ଆଇଆଇସି ରାମ ପ୍ରସାଦ ନାଗ, ମାଲକାନଗିରି ସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦନ ମିଶ୍ର, ବୈଷୟିକ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଇଂ.ଗଦାଧର ମହାରଣା, ଜିଲା ଅଗ୍ନିଶମ ଅଧିକାରୀ ସରୋଜ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ରେଡକ୍ରସର ମୂଳମନ୍ତ୍ର ସେବା, ସାହାଯ୍ୟ ଓ ବନ୍ଧୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ୨୫ଟି ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ପରାମର୍ଶଦାତା ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏମଭି- ୭୯ ଶ୍ୟାମପ୍ରସାଦ କନିଷ୍ଠ ମହାବିଦ୍ୟାଳୟରେ ଏକ ୩ଦିନିଆ ଶିବିର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱଚ୍ଛତା ପକ୍ଷ ପାଳନ

ମାଲକାନଗିରି, ୧୨।୯ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ବ୍ଲକ ଏମ୍.ଭି.-୧୬ ଗ୍ରାମ ଉଚ୍ଚ ପ୍ରକଳ୍ପ ବିଦ୍ୟାଳୟରେ ଗୁରୁବାର ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱଚ୍ଛତା ପକ୍ଷ ପାଳନ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସାଧନା ମଣ୍ଡଳଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋରୁକୋଣ୍ଡା ଅତିରିକ୍ତ ଶିକ୍ଷାଧିକାରୀ ରବିନ୍ଦ୍ର କମାର ମାହାରଣା, ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ମାଳତି ବୈଦ୍ୟ, ତଣ୍ଡାପାଲ୍ଲୀ ସିଆରସିସି ରବିନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ ସ୍ୱଚ୍ଛତା ପକ୍ଷ ସମ୍ପର୍କରେ ବୁଝାଇଥିଲେ। ସ୍ୱଚ୍ଛ ପରିବେଶ, ସ୍ୱଚ୍ଛ ବିଦ୍ୟାଳୟ, ହାତଧୁଆ ପ୍ରଦର୍ଶନୀ, ପୋଷାକ ପରିଷ୍କାର ପରିଚ୍ଛନ୍ନତା, ଗରମ ଖାଦ୍ୟ,



ଅତିଥିମାନେ ଜଣେ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି ।

ସ୍ୱଚ୍ଛ ପାନୀୟ ଜଳ, ଏବଂ ଚାରାରୋପଣ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପରେ ସ୍ୱଚ୍ଛ ପରିବେଶ ଶୀର୍ଷକ ଏକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଅଭିରାମ ସିଂ, ରିତା ଦାସ, ସଞ୍ଜୁକ୍ତା ପ୍ରଧାନ, ବନିତା ସ୍ୱାଇଁ ପରିଚାଳନା କରିଥିଲେ।






# କକରାଲ ଡ୍ୟାମକୁ ନେଇ ବଢୁଛି ବିବାଦ

## ବିଧାୟକଙ୍କୁ ଅବଗତ କରାଇଲେ ସରପଞ୍ଚ , ଆଦିବାସୀ ସଂଘ

ମାଥିଲି, ୧୨।୯

ମାଲକାନଗିରି ଜିଲା ମାଥିଲି ବ୍ଲକ କମାରପାଲି ପଞ୍ଚାୟତରେ ଛତିଶଗଡ ସରକାର କକରାଲ ଡ୍ୟାମ ନିର୍ମାଣ କରିବାକୁ ଯୋଜନା କରିଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏହାଦ୍ୱାରା ଓଡିଶା ସୀମାନ୍ତରେ ଥିବା ୭ଟି ପଞ୍ଚାୟତର ୪୭ଗ୍ରାମ ଜଳମଗ୍ନ ହେବ। ଏନେଇ ବିଧାୟକଙ୍କୁ ସରପଞ୍ଚ ଓ ଆଦିବାସୀ ସଂଘ ଜଣାଇଛନ୍ତି। ଖବରରୁ ଜଣାପଡିଛି କକରାଲ ଓ ଭୀମସେନ ନଦୀ ଘାଟ ମଝିରେ ନିର୍ମାଣ ହେବାକୁ ଥିବା ଏହି ଡ୍ୟାମ ପାଇଁ ସର୍ଭେ ସରିଛି। ଅନୁମୋଦନ ମଧ୍ୟ ମିଳିସାରିଛି। କେବଳ ବର୍ଷା ପରେ କାମ ଆରମ୍ଭ ହେବ। ଗୁରୁବାର ଏ ନେଇ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକାଙ୍କୁ ଭେଟି ମାଥିଲି ବ୍ଲକ କମାରପାଲି ସରପଞ୍ଚ ବସନ୍ତ ମାଢି ଓ ଆଦିବାସୀ ସଂଘର କର୍ମକର୍ତ୍ତା ଅବଗତ କରାଇଛନ୍ତି । ଡ୍ୟାମ ହେଲେ ମାଲକାନଗିରି ଜିଲା ମାଥିଲି ବ୍ଲକର ୭ଟି ପଞ୍ଚାୟତ ୪୭ ଗ୍ରାମ ଜଳମଗ୍ନ ହେବ। ଶହ ଶହ ହେକ୍ଟର ଚାଷ ଜମି ପାଣି ଘେରରେ ରହିବ । ଅନେକ ପରିବାର ବାସଚ୍ୟୁତ ହେବେ। ଏ ସମ୍ପର୍କରେ ବିଧାୟକ ବାକା କହିଛନ୍ତି ଯେ, କୌଣସି ମତେ ଏହି ଡ୍ୟାମ ନିର୍ମାଣ କରିବାକୁ ଛତିଶଗଡ ସରକାରଙ୍କୁ ସୁଯୋଗ ମିଳିବନି। ଏହାକୁ ବନ୍ଦ କରିବାକୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅବଗତ କରାଇବେ ବୋଲି ବାକା କହିଛନ୍ତି । ସୂଚନାଯୋଗ୍ୟ ଯେ, କମାରପାଲି ପଞ୍ଚାୟତ ମାଥିଲି ବ୍ଲକର ଶେଷ ସୀମାରେ ରହିଛି। ଏହା ଛତିଶଗଡକୁ ଲାଗିଛି। ଓଡିଶା ଓ ଛତିଶଗଡ ମଧ୍ୟରେ ଟେକାବୁକା ନଦୀ ଏହି ୨ ରାଜ୍ୟକୁ ସଂଯୋଗ କରୁଛି।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

